# କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା

## ବିଜ୍ଞାପନ

### ଭାରତୀୟ କ୍ରୀଡ଼ା ପ୍ରାଧିକରଣ (**Sports Authority of India**) ନେତାଜୀ ସୁଭାଷ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନ (**SAI NSNIS**) ରେ କ୍ରୀଡ଼ା ପ୍ରଶିକ୍ଷଣ ପାଠ୍ୟକ୍ରମ (**Sports Coaching Course**) ପାଇଁ ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କୁ ଆର୍ଥିକ ସହାୟତା

ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କୁ ଭାରତୀୟ କ୍ରୀଡ଼ାପ୍ରାଧିକରଣ (Sports Authority of India) ନେତାଜୀ ସୁବାଷ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନ (NSNIS) ମାନଙ୍କରେ ପ୍ରଶିକ୍ଷଣ ଶିକ୍ଷା ପାଇଁ (NIS Diploma/ Long term Course /Six weeks Certificate Course on Coaching) ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ନେତାଜୀ ସୁଭାଷ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନ କେନ୍ଦ୍ରମାନଙ୍କରେ( SAI NSNIS Centre) ପ୍ରତ୍ୟେକ ବର୍ଷ ଜୁନ୍ ମାସଠାରୁ ତାର ପରବର୍ଷ ମଇମାସ ପର୍ଯ୍ୟନ୍ତ ବିଭିନ୍ନ ଖେଳ ଶୃଙ୍ଖଳାରେ ୧୦ ମାସିଆ ଡ଼ିପ୍ଲୋମା ପାଠ୍ୟକ୍ରମ, ଦୀର୍ଘମିଆଦି ପାଠ୍ୟକ୍ରମ (NIS Diploma/ Long term Course ) ଓ ୬ ସପ୍ତାହ ପ୍ରାମାଣିକ ପାଠ୍ୟକ୍ରମର (Six weeks Certificate Course) ବ୍ୟବସ୍ଥା ରହିଅଛି । ଏ ସମ୍ବନ୍ଧରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (Sports Authority of India) ନେତାଜୀ ସୁବାଷ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନ (NSNIS) ବିଜ୍ଞାପନ ଜରିଆରେ ଦରଖାସ୍ତ ଆହ୍ୱାନ କରିଥାଏ । ଆଗ୍ରହୀ କ୍ରୀଡ଼ାବିତ୍ ଏ ସମ୍ବନ୍ଧୀୟ ବିଶେଷ ତଥ୍ୟ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (Sports Authority of India) ନେତାଜୀ ସୁବାଷ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନ (NSNIS) ର ବିଜ୍ଞାପନ କିମ୍ବା ୱେବସାଇଟରୁ (www.nsnis.org) ଉପଲବ୍ଧ କରିପାରିବେ । ଭାରତୀୟ କ୍ରୀଡ଼ା ପ୍ରାଧିକରଣ , ନେତାଜୀ ସୁବାଷ ଜାତୀୟ କ୍ରୀଡ଼ା ପ୍ରତିଷ୍ଠାନ (SAI NSNIS) ଦ୍ୱାରା ଯୋଗ୍ୟ ବିବେଚିତ ଏ ସଂକ୍ରାନ୍ତୀୟ ସମସ୍ତ ବିବରଣୀ, ପାଠ୍ୟକ୍ରମ ବାବଦକୁ ଆବଶ୍ୟକୀୟ ଅର୍ଥ ପରିମାଣ, ଇତ୍ୟାଦିର କାଗଜାତ୍ (ଯଥା ମୂଳ ଦରଖାସ୍ତର ନକଲ, SAI NSNIS) ରୁ ପାଇଥିବା ଚୟନ ସମ୍ବନ୍ଧୀୟ ଚିଠିର ନକଲ, BPL କାର୍ଡ଼ର ସହିମୋହର ନକଲ ଓ ନିଜର ବ୍ୟାଙ୍କ ଆକାଉଣ୍ଟର ସବିଶେଷ ବିବରଣୀ ) ସହ କମିଶନର ତଥା ଶାସନ ସଚିବ, କ୍ରୀଡ଼ା ଓ ଯୁବସେବା ବିଭାଗ, C-1, ନୟାପଲ୍ଲୀ, ଭୁବନେଶ୍ୱର- ୧୨ଙ୍କ ନିକଟରେ ଆବେଦନ କଲେ ଯୋଗ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ । ପାଠ୍ୟକ୍ରମ ଦେୟ ସଂପୃକ୍ତ କ୍ରୀଡ଼ା ପ୍ରତିଷ୍ଠାନର ବ୍ୟାଙ୍କ ଆକାଉଣ୍ଟ, ଯାତାୟତ ଓ ଅନ୍ୟାନ୍ୟ ବିବିଧ ଖର୍ଚ୍ଚ ସଂପୃକ୍ତ ପ୍ରାର୍ଥୀଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧମରେ ପ୍ରଦାନ କରାଯିବ ।

| ପାଠ୍ୟକ୍ରମର ବିବରଣୀ | ପାଠ୍ୟକ୍ରମର ଦେୟ ପରିମାଣ | | ଯାତାୟତ ଓ ଅନ୍ୟାନ୍ୟ ବିବିଧଖର୍ଚ୍ଚର ପରିମାଣ | |
|---|---|---|---|---|
| | ବି.ପି.ଏଲ | ଅଣ-ବି.ପି.ଏଲ | ବି.ପି.ଏଲ | ଅଣ-ବି.ପି.ଏଲ |
| ଏନ୍ ଆଇ ଏସ (ଡ଼ିପ୍ଲୋମା ବା ଦୀର୍ଘମିଆଦି Coaching Course) | * ଦେୟ ପରିମାଣର ୭୫% ପ୍ରତିଶତ | ଦେୟ ପରିମାଣର ୫୦ % ପ୍ରତିଶତ | ଟ.୧୦,୦୦୦/- | ଟ.୫,୦୦୦/- |
| ୬ ସପ୍ତାହ ପ୍ରାମାଣିକ ପାଠ୍ୟକ୍ରମ (Six Weeks Certificate Course) | * ଦେୟ ପରିମାଣର ୭୫% ପ୍ରତିଶତ | ଦେୟ ପରିମାଣର ୫୦% ପ୍ରତିଶତ | ଟ.୫,୦୦୦/- | ଟ.୨,୦୦୦/- |

ତାଲିମ ସମାପ୍ତ ପରେ ସଂପୃକ୍ତ ତାଲିମପ୍ରାପ୍ତ / ପ୍ରାର୍ଥୀମାନେ ସେମାନଙ୍କର ନିଯୁକ୍ତି ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ଓଡ଼ିଶାଙ୍କ ନିକଟରେ ଭବିଷ୍ୟତରେ ନିଜର ହକ୍/ ଦାବି ଉପସ୍ଥାପନ କରିପାରିବେ ନାହିଁ ।

କମିଶନର ତଥା ଶାସନ ସଚିବ
କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା
ସି- ୧, ନୟାପଲ୍ଲୀ, ଭୁବନେଶ୍ୱର

# APPLICATION FORM

1. Name of the Applicant :

2. Malling Address

i. Permanent Address : .......................................................................

.......................................................................

.......................................................................

.......................................................................

i. Permanent Address : .......................................................................

.......................................................................

.......................................................................

.......................................................................

3. Sex ( Male/ Female) : .....................................

4. Category ( SC/ ST/ OBC/GEN) : .....................................

5. Details of Coaching Course
( Master /Diploma in coaching /
Six Week Certificate Course)

6. Sports Discipline : .....................................

7. Documents to be enclosed

a. Selection Letter of SAI NS NIS
b. Photo Copy of BPL Card ( if Applicable)
d. Photo Copy of the Caste Certificate
c. Bank Account Detail

**Full Signature of the Applicant**

N.B:- ALL THE DOCUMENTS SHOULD BE SELF ATTESTED